## ସଂକ୍ଷେପରେ

### କ୍ୟାରିୟର କାଉନ୍‌ସେଲିଂ ବିଷୟରେ ସଚେତନତା

**ଢେଙ୍କାନାଳ ଅଫିସ, ୧୮।୧**

ଓଡ଼ାପଡ଼ା ବ୍ଲକ କାଶିଆଡ଼ିହସ୍ଥିତ ଶ୍ରୀଲୋକନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର କ୍ୟାରିୟର କାଉନସେଲିଂ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଳରାମପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. କମଳାକାନ୍ତ ରାଉତ, ଗଦାଶିଳା ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ବିକାଶ କୁମାର ଦାସ, ବନ ବିଭାଗର ଅବସରପ୍ରାପ୍ତ ରେଞ୍ଜର ବିଶ୍ୱମ୍ଭର ଖଟୁଆ, ସାମାଜିକକର୍ମୀ ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ନିଯୁକ୍ତିର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ‘ଭଲ ମଣିଷ ହେବାକୁ ଚେଷ୍ଟା କର’

**ପରଜଙ୍ଗ, ୧୮।୧(ଡି.ଏନ.ଏ.)**

### ମହେଶ୍ୱର ସୁବାହୁସିଂ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ




- ନୂତନ ଲାଇବ୍ରେରି, କାର୍ଯ୍ୟାଳୟ ଉଦ୍‌ଘାଟିତ
- ଅତିରିକ୍ତ ପ୍ରକୋଷ୍ଠ ନିର୍ମାଣ ପାଇଁ ସହାୟତା ପ୍ରତିଶ୍ରୁତି

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ମହେଶ୍ୱର ସୁବାହୁସିଂ ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ମୋ ବିଦ୍ୟାଳୟ ଅଭିଯାନ’ର ଶୁଭାରମ୍ଭ ହୋଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ମହେଶ ସାହୁ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ବିଇଓ ହରିହର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ମୋ ବିଦ୍ୟାଳୟ ଅଭିଯାନର ଅଧ୍ୟକ୍ଷ ନାରାୟଣ ବିନାୟକ, ଶିକ୍ଷା କମିଟିର ନିର୍ମଳ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ସ୍କୁଲର ନୂତନ ଲାଇବ୍ରେରି, କାର୍ଯ୍ୟାଳୟ ପ୍ରକୋଷ୍ଠ, ବିଶୁଦ୍ଧ ପାନୀୟ ଜଳ ମେଶିନକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଖୁବ୍‌ଶୀଘ୍ର ଅତିରିକ୍ତ ପ୍ରକୋଷ୍ଠ ପାଇଁ ନିଜସ୍ୱ ହାତ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ ଏମ୍‌ପି ଓ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଶୁକ୍ରବାର ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସତୀଶ ପ୍ରସାଦ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଙ୍ଗନୱାଡି କେନ୍ଦ୍ର ନିକଟରେ ମୁକୁଳା ଟ୍ରାନ୍ସଫର୍ମର

**ଢେଙ୍କାନାଳ ଅଫିସ, ୧୮।୧**



ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ତଳସାହି ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଥିବା ଉଚ୍ଚ କ୍ଷମତାସମ୍ପନ୍ନ ଦୁଇଟି ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଘେରାବନ୍ଦୀ କରାଯାଇ ନ ଥିବାରୁ ପାଠ ପଢ଼ିବାକୁ ଆସୁଥିବା ପିଲାମାନେ ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ନେଇ ପଞ୍ଚାୟତ ସମିତି ବୈଠକରେ ଅଙ୍ଗନୱାଡି କର୍ମୀ ସମସ୍ୟା ଉଠାଇଥିଲେ। ହେଲେ ଅଦ୍ୟାବଧି ଏହାର ସମାଧାନ ହେଉ ନ ଥିବା ଅଭିଯୋଗ ହୋଇଛି। ସରକାର ଛୋଟ ଛୋଟ ପିଲାଙ୍କ ସୁରକ୍ଷା କଥା ଚିନ୍ତା କରୁଥିବାବେଳେ ଗ୍ରାମାଞ୍ଚଳରେ ଏହା ଧର୍ମକୁ ଆଖିଠାର ସଦୃଶ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ଦିଲୀପ ସାହୁ କୁହନ୍ତି, ଏହା ତାଙ୍କ ନଜରକୁ ଆସିନାହିଁ। ଟ୍ରାନ୍ସଫର୍ମର ଚାରିପଟେ ପାଚେରି ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯିବ। ସରପଞ୍ଚ ଅନସୂୟା ମହାନ୍ତି କୁହନ୍ତି, ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମରକୁ ଘେରାବନ୍ଦୀ କରିବାକୁ ବିଦ୍ୟୁତ୍ ବିଭାଗକୁ କୁହାଯିବ।

## ପ୍ରଜାପିତା ବ୍ରହ୍ମାଙ୍କ ଅବ୍ୟକ୍ତ ସ୍ମୃତିଦିବସ



କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୮।୧**

ଢେଙ୍କାନାଳ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ଶନିବାର ପ୍ରଜାପିତା ବ୍ରହ୍ମାଙ୍କ ୫୧ତମ ଅବ୍ୟକ୍ତ ସ୍ମୃତିଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ କହିଲେ, ଏବେ ସ୍ୱାର୍ଥାନ୍ୱେଷୀ ଚିନ୍ତାଧାରା ଯୋଗୁ ବାଳାଶ୍ରମ ଏବଂ ବୃଦ୍ଧାଶ୍ରମର ଆବଶ୍ୟକତା ଦେଖାଦେଇଛି। ସ୍ନେହ, ଶ୍ରଦ୍ଧା, ଆଦର ଭଳି ମାନବୀୟ ଗୁଣ ଅନ୍ୟମାନଙ୍କ ହୃଦୟକୁ ଜିତିବାରେ ସହାୟକ ହୋଇଥାଏ ବୋଲି ସେ ମତ ରଖିଥିଲେ। ସୁସ୍ଥ ସମାଜ ଗଠନ ପାଇଁ ପ୍ରଜାପିତା ବ୍ରହ୍ମାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମ୍ମାନିତ ଅତିଥି ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଆହ୍ୱାନ ଦେଇଥିଲେ। ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା, ପ୍ରଜାପିତା ବ୍ରହ୍ମାଙ୍କ ତ୍ୟାଗପୂତ ସେବା ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ଗୁରୁ ସୁଶାନ୍ତ କୁମାର ସେନାପତି ସଙ୍ଗୀତ ପରିବେଷଣ କରିଥିଲେ। ବ୍ରହ୍ମାକୁମାର ବିରଞ୍ଚି, ବେଣୁଧର, ସନ୍ତୋଷଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ଭାରତ ସରକାର
ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ
ବାଣିଜ୍ୟ ବିଭାଗ

**ଆପଣଙ୍କ ଘରୋଇ ଶିଳ୍ପକୁ ଆମଦାନୀ (ଇମ୍ପୋର୍ଟ)ର ନିମ୍ନଲିଖିତ କାରଣ ଯୋଗୁଁ କ୍ଷତି ପହଞ୍ଚୁଛି କି:**

- ଡମ୍ପିଂ ?
- ଅନ୍ୟାନ୍ୟ ଦେଶ ଦ୍ୱାରା ଦିଆଯାଉଥିବା ସବ୍‌ସିଡି ?
- ଆମଦାନୀ ପରିମାଣ ହଠାତ୍ ବୃଦ୍ଧି ପାଇବା ?

ଯଦି ହଁ, ତେବେ ଆପଣ ବ୍ୟାପାର ଉପଚାର ମହାନିର୍ଦ୍ଦେଶାଳୟ (ଡିଜିଟିଆର୍)ରେ ଆଣ୍ଟି–ଡମ୍ପିଂ, କାଉଣ୍ଟରଭେଲିଂ କିମ୍ବା ସେଫ୍‌ଗାର୍ଡ ପଦକ୍ଷେପ ଲାଗୁ କରିବା ପାଇଁ ଉପଯୁକ୍ତ ବ୍ୟାପାର ଉପଚାର ଆବେଦନ ଦାଏର କରିପାରନ୍ତି

**କିମ୍ବା**

**ଆପଣଙ୍କ ରପ୍ତାନୀ (ଏକ୍ସପୋର୍ଟ) ଉପରେ ଅନ୍ୟ କୌଣସି ଦେଶରେ ବ୍ୟାପାର ଉପଚାର ଯାଞ୍ଚର ସମ୍ମୁଖୀନ ହେଉଅଛି କି ?**

ଯଦି ହଁ, ତେବେ ଡି.ଜି.ଟି.ଆର୍. ଉପଯୁକ୍ତ ମାର୍ଗଦର୍ଶନ ସହିତ ଯାଞ୍ଚ ସମୟରେ ଆପଣଙ୍କୁ ସହାୟତା କରିପାରିବ ।

DAVP 05101/13/0010/1920

ଅଧିକ ମାର୍ଗଦର୍ଶନ କିମ୍ବା ଅନୁସନ୍ଧାନ ପାଇଁ ଦୟାକରି helpdesk.dgtr@gov.inରେ ଇ-ମେଲ୍ କରନ୍ତୁ କିମ୍ବା ଆମକୁ ୧୮୦୦-୧୧୧-୮୦୮ରେ କଲ୍ କରନ୍ତୁ

ଯୁଗ୍ମ ସଚିବ (ପ୍ରଶାସନ)
ବାଣିଜ୍ୟ ବିଭାଗ,
ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ,
ଉଦ୍ୟୋଗ ଭବନ, ନୂଆଦିଲ୍ଲୀ, ୧୧୦୦୧୧
୦୧୧-୨୩୦୬-୨୨୬୧

## ସୁସ୍ଥ ରହିବାକୁ ଖେଳ ଭଲ ମାଧ୍ୟମ



ଅତିଥିମାନେ ପୁରସ୍କାର ବିତରଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୮।୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଖେଳକୁଦ ସମାରୋହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଭାପତି ମୋହନମୁରାରୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଯୋଗଦେଇ କହିଲେ, ସୁସ୍ଥ ରହିବା ଲାଗି ଖେଳ ହେଉଛି ଭଲ ମାଧ୍ୟମ। ପାଠପଢ଼ା ସହିତ ଖେଳକୁଦରେ ମନଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜୀବନ ବୀମା ନିଗମର ମୁଖ୍ୟ ପରିଚାଳକ ବୈଷ୍ଣବ ଚରଣ ବେହେରା, ସରପଞ୍ଚ ସୁଶାନ୍ତ କୁମାର ସାହୁ, ବିନୋଦିନୀ ନାୟକ, ସ୍କୁଲ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା, ଶାଖା ଉପପରିଚାଳକ ରାଜେନ୍ଦ୍ର କୁମାର ମେହେର, ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର କୋଷାଧ୍ୟକ୍ଷ ଗୌରାଙ୍ଗ ରାଉତ, ବସନ୍ତ ନାୟକ, ପୂର୍ବତନ ସଭାପତି ପୁରୁଷୋତ୍ତମ ରାଉତ ଏବଂ କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପରିଡ଼ାଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାବଲମ୍ବୀ କରିବ ସିଲେଇ ପ୍ରଶିକ୍ଷଣ



ବୈଠକରେ ଏସ୍‌ଏଚ୍‌ଜି ସଦସ୍ୟ, ଅଙ୍ଗନୱାଡି କର୍ମୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୮।୧:**

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତର ଏସ୍‌ଏଚ୍‌ଜି ସଦସ୍ୟଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଅନସୂୟା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସିଲେଇ ପ୍ରଶିକ୍ଷଣ ଶିବିର ଏସ୍‌ଏଚ୍‌ଜି ସଦସ୍ୟ ଏବଂ ବାଳିକାଙ୍କୁ ସ୍ୱାବଲମ୍ବୀ କରିବ। ଖୁବ୍‌ଶୀଘ୍ର ଏ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ଜନଶିକ୍ଷଣ ସଂସ୍ଥାକୁ ତାଲିମ ପ୍ରଦାନ ଦାୟିତ୍ୱ ଦିଆଯିବ। ଏଥିଲାଗି ଆଶାୟୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିବା ଲାଗି ଆହ୍ୱାନ କରାଯାଇଛି। ଏଥିସହ ଗ୍ରାମର ପାନୀୟ ଜଳ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଛି। କମଳିନୀ ମହାନ୍ତିଙ୍କ ନେତୃତ୍ୱରେ ମହିଳା ଗୋଷ୍ଠୀ ପାନୀୟ ଜଳର ସୁପରିଚାଳନା କରିବାକୁ ପ୍ରସ୍ତାବ ରଖାଯାଇଥିଲା। କାର୍ଯ୍ୟକ୍ରମରେ ଜନ ଶିକ୍ଷଣ ସଂସ୍ଥାର ଲିନା ମହାପାତ୍ର, ଶ୍ରୀମତୀ ଦାସ, ଅଙ୍ଗନୱାଡି କର୍ମୀଙ୍କ ସମେତ ବହୁ ଏସ୍‌ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା



**ଢେଙ୍କାନାଳ ଅଫିସ, ୧୮।୧**

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଅଧ୍ୟାପକ ସୁଧାଂଶୁ କୁମାର ବେହେରା, ଅଧ୍ୟାପକ ଡ. ନରେଶ ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ସ୍ଲୋଗାନ ଦେଇ ଗାଡ଼ିଚାଳକଙ୍କୁ ସଚେତନ କରାଇଥିଲେ। ବାଇକ୍ ଆରୋହୀଙ୍କୁ ହେଲ୍‌ମେଟ, ଗାଡ଼ି ଚାଳକଙ୍କୁ ସିଟବେଲ୍ଟ ବାନ୍ଧିବା ନେଇ ସଚେତନ କରାଯାଇଥିଲା। ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ, ଧର୍ମରଞ୍ଜନ ମିଶ୍ର, କବିରାଜ ସାହୁ, ପ୍ରାଧ୍ୟାପିକା ବୀଣାପାଣି ତ୍ରିପାଠୀ, ଡ. ଗୌତମୀ ନାୟକ, କର୍ମଚାରୀ ଭବାନୀ ଶଙ୍କର ପଟ୍ଟନାୟକ, ସନ୍ଦୀପ ଦେବତା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ଛାତ୍ରୀଛାତ୍ର, ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

## ରସାୟନ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

**ଭୁବନ, ୧୮।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ତଥା କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ରାଉରକେଲା ଏନ୍‌ଆଇଟି ପ୍ରଫେସର ଡ. ଦିଲୀପ କୁମାର ବିଶୋଇ ବକ୍ତାଭାବେ ଯୋଗଦେଇ କଣିକା, କ୍ଷୁଦ୍ରକଣିକା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଯନ୍ତ୍ର ମାଧ୍ୟମରେ ଏହା କିପରି ନିରୂପଣ କରାଯାଇପାରିବ ସେ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାଣୀ ବିଜ୍ଞାନ ମୁଖ୍ୟ ଡ. ହରେକୃଷ୍ଣ ପଣ୍ଡା, ରସାୟନ ବିଭାଗ ମୁଖ୍ୟ ଡ. ସତ୍ୟନାରାୟଣ ଦାସ, ଜୀବନରାମ ସାହୁ, ସଞ୍ଜୟ ସାହୁ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ସ୍ମରଣିକା ମାଣିଆଙ୍କ ସମେତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୂଅରେ ପଡ଼ି ଯୁବକ ମୃତ

**କାମାକ୍ଷାନଗର, ୧୮।୧(ଡି.ଏନ.ଏ.)**

କାମାକ୍ଷାନଗର ଥାନା ମଠକରଗୋଳା ଗ୍ରାମରେ ଶନିବାର ସନ୍ଧ୍ୟାରେ ପାଣି କାଢୁଥିବା ସମୟରେ କୂଅରେ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୀବ ସାହୁ (୩୨)।

ଶ୍ରୀବତ୍ସ ସାହୁଙ୍କ ଏକମାତ୍ର ପୁଅ ସଞ୍ଜୀବ ଗ୍ରାମର ବାଳିକା ହାଇସ୍କୁଲରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ସ୍କୁଲ ଛୁଟି ହେବା ପରେ ସେ ଘରକୁ ଆସି କୂଅରୁ ପାଣି ବାହାର କରିବାକୁ ଯାଇଥିଲେ। ହେଲେ ଅସାବଧାନତାବଶତଃ ସେ କୂଅରେ ଖସିପଡ଼ିଥିଲେ। କେତେଣ ଲୋକ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଏହାପରେ ଦମକଳ ବାହିନୀକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୂଅ ଭିତରୁ ସଞ୍ଜୀବଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଏକ ବାଇକ୍‌ରେ ମଠକରଗୋଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ସାଇକେଲରେ ବାଣ୍ଟିଲେ ସୁସ୍ଥ ଭାରତ ଅଭିଯାନ

**ପରଜଙ୍ଗ/ଭୁବନ, ୧୮।୧(ଡି.ଏନ.ଏ.)**




ଶୋଭାଯାତ୍ରାରେ ଭୁବନ ମହିଳା କଲେଜର ଛାତ୍ରୀ ଓ ଅନ୍ୟମାନେ।

ପରଜଙ୍ଗ କଲେଜରେ ଶନିବାର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଅଧ୍ୟାପକ ପ୍ରବୋଧ କୁମାର ରଥ, କ୍ଷୀତିଶ ଚନ୍ଦ୍ର ଜେନାମଣି, ନିହାର ରଞ୍ଜନ ସାହୁ ଏବଂ ଛାତ୍ରୀଛାତ୍ରମାନେ ସାଇକେଲରେ ନଗର ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ସବୁଜ ଭାରତ, ସୁସ୍ଥ ଭାରତ, ସ୍ୱଚ୍ଛ ଭାରତ, ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବାକୁ ଅଞ୍ଚଳବାସୀଙ୍କୁ ଛାତ୍ରୀଛାତ୍ର ପ୍ରବର୍ତ୍ତାଇଥିଲେ। ଏଥିସହ କଲେଜରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନ କୁମାର ମହାରଣା, ପ୍ରଣବ କିଶୋର ବେହେରା, ଅଧ୍ୟାପକ ଦୁର୍ଯ୍ୟୋଧନ ଆଚାର୍ଯ୍ୟ, ସଞ୍ଜୟ କୁମାର ମୁଦୁଲି, ପ୍ରସନ୍ନ ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

ସେହିପରି ଭୁବନ ମହିଳା ମହାବିଦ୍ୟାଳୟ ଏନଏସ୍‌ଏସ୍ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଦିଲୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ଅତିଥି ଭାବେ ଯୋଗଦେଇ ଫିଟ ଇଣ୍ଡିଆର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନମିତା ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସାଇକେଲ ସହର ପରିକ୍ରମା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ରବିବାର, ଜାନୁୟାରୀ ୧୯/୨୦୨୦ Dhenkanal, Sunday , January 19 / 2020

## ସଂକ୍ଷେପରେ

### ବିପୁଳ ପରିମାଣର ସିରପ ଜବତ, ଜଣେ ଗିରଫ



ପବିତ୍ରନଗର,୧୮।୧(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ପୋଲିସ ଶୁକ୍ରବାର ରାତିରେ ଶିପୁର ଗ୍ରାମରେ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ ସିରପ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ସେହି ଗ୍ରାମର ସରୋଜ ଗଡନାୟକଙ୍କୁ ଗିରଫ କରାଯାଇଛି। ଏଥିସହିତ ଏକ ମିନି ଭ୍ୟାନ ନଂ. (ଓଡିଓ୫ବି-୬୨୨୧) ଜବତ ହୋଇଛି। ସମଲ ଥାନା ଅଧିକାରୀ ଚାରୁଲତା ବେହେରା କହିଛନ୍ତି, ସମଲ ଥାନା ଅଞ୍ଚଳରେ ବିପୁଳ ମାତ୍ରାରେ ବେଆଇନ କୋର୍ଡିନ ଯୁକ୍ତ ସିରପ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଶିପୁର ଗ୍ରାମର ସରୋଜଙ୍କ ଘରେ ଚଢ଼ାଉ କରାଯାଇ ୨ଟି ପେଟିରୁ ୩୨୦ ବୋତଲ ସିରପ ଜବତ ହୋଇଥିଲା। ଏ ନେଇ ନଂ. ୧୦/୨୦ରେ ଏକ ମାମଲା ରୁଜୁ ହୋଇଛି। ରବିବାର ସରୋଜଙ୍କୁ କୋର୍ଟ ଚାଲାଣ କରାଯିବ।

# ନିସ୍ତେଜ ହେଉଛି ନରହନ୍ତା ଦନ୍ତା

ବନ୍ତଲା/ତାଳଚେର,୧୮।୧(ନି.ପ୍ର.)

ଅନୁଗୋଳ ବନଖଣ୍ଡ ତାଳଚେର ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ଧରି ଉପଦ୍ରବ କରିବା ସହ ୬ ଜଣଙ୍କ ଜୀବନ ନେଇଥିବା ନରହନ୍ତା ଦନ୍ତା ହାତୀକୁ ଶନିବାର ଟ୍ରାଙ୍କୁଲାଇଜ୍ କରୁଛି ବନ ବିଭାଗ। ସନ୍ଧ୍ୟାରୁ ବିଳମ୍ବିତ ରାତି ମଧ୍ୟରେ ୪ଥର ଟ୍ରାଙ୍କୁଲାଇଜ କରାଯାଇଛି। ରାତିରେ ଯଦି ହାତୀ ସମ୍ପୂର୍ଣ୍ଣ ନିସ୍ତେଜ ହୁଏ ତାହାକୁ ରବିବାର ସକାଳେ ଟ୍ରକ୍‌ରେ ଲଦି ଢେଙ୍କାନାଳର କପିଳାସ ଚିଡ଼ିଆଖାନାକୁ ନିଆଯିବ ବୋଲି ସୂଚନା ମିଳିଛି।

- ରାତିସୁଦ୍ଧା କରାଯାଇଛି ୪ଥର ଟ୍ରାଙ୍କୁଲାଇଜ୍
- ଟ୍ରକ୍‌ରେ ଲଦି ନିଆଯିବ କପିଳାସ ଚିଡ଼ିଆଖାନା
- ୨ ଦିନ ଧରି ଚାଲିଛି ଅପରେଶନ

ତାଳଚେର ରେଞ୍ଜ ଅଞ୍ଚଳରେ ଦୁଇଦିନ ହେଲା ଜଗି ରହିଥିବା ବନ ବିଭାଗର ଅଫିସର ଓ କର୍ମଚାରୀମାନେ ଶନିବାର ଅପରାହ୍ନରେ ଖୋଲା ଜାଗାରେ ଦନ୍ତା ବୁଲୁଥିବା ଦେଖିଥିଲେ। ଫଳରେ ସୁବିଧା ଦେଖି ରାତି ପ୍ରାୟ ୭ଟାରେ ଡେରା ଅନନ୍ତ ପି.ଓ. ଅଫିସ ସମ୍ମୁଖରେ ଟ୍ରାଙ୍କୁଲାଇଜ୍ କରିଥିଲେ। ପ୍ରଥମ ଡୋଜ୍ କାମ ନ ଦେବାରୁ ୭ଟା ୪୫ରେ ପୁନର୍ବାର ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏହାପରେ ହାତୀଟି ବୁଦା ମଧ୍ୟରେ ଲୁଚି ରହିଥିଲା। ଦ୍ୱିତୀୟ ଡୋଜ୍ ଅଳ୍ପ କାମ କରିବାରୁ ରାତି ୮ଟା ୩୦ରେ ତୃତୀୟ ଡୋଜ୍ ଦିଆଯାଇଥିଲା। ଏହାପରେ ବିଳମ୍ବିତ ରାତିରେ ଆଉ ଏକ ଡୋଜ୍ ଦିଆଯାଇଥିଲା। ଫଳରେ ନରହନ୍ତା ହାତୀ ଧୀରେ ଧୀରେ ନିସ୍ତେଜ ହେଉଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ରାତିରେ ଦନ୍ତା ନିସ୍ତେଜ ହୋଇଗଲେ ଏକ ସ୍ୱତନ୍ତ୍ର ଟ୍ରକ୍‌ରେ ସୁରକ୍ଷା ମଧ୍ୟରେ କପିଳାସସ୍ଥିତ ଚିଡ଼ିଆଖାନାକୁ ନେବା ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଏହି ଅପରେଶନ୍ ଟିମ୍‌ରେ ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ, ସାତକୋଶିଆ ଏସିଏଫ୍ ସରୋଜ କୁମାର ପଣ୍ଡା, ନନ୍ଦନକାନନ ଟ୍ରାଙ୍କୁଲାଇଜ୍ ଟିମ୍, ଅନୁଗୋଳ ଡିଭିଜନ ଅଫିସର ପ୍ରୋବେଶନାଲ ଆଇଏଫ୍‌ଏସ୍ ସାଇକରଣ, ଏସିଏଫ୍ ବାସୁଦେବ ନାଏକ, ଏକ୍ସପର୍ଟ କମଳ ଲୋଚନ ପୁରୋହିତ, ଅନୁଗୋଳ ରେଞ୍ଜର ସତ୍ୟବ୍ରତ ପ୍ରଧାନ, ତାଳଚେର ରେଞ୍ଜର ହିମାନୀ ନାୟକ, ତାଳଚେର ଫରେଷ୍ଟର ଲିଜାଲିନ ସାହୁଙ୍କ ସମେତ କଣିହାଁ, ଛେଣ୍ଡିପଦା ରେଞ୍ଜରଙ୍କ ସହ ପ୍ରାୟ ୪୦ କର୍ମଚାରୀ ସାମିଲ ହୋଇଥିଲେ।



ଟ୍ରାଙ୍କୁଲାଇଜ ପାଇଁ ବନ ବିଭାଗ ଟିମ୍ ପ୍ରସ୍ତୁତ ହେଉଛନ୍ତି।

### ଏମ୍‌ସିଏଲ୍ ଦ୍ୱାରା ମେଡିକାଲ କଲେଜ ପରିଚାଳନା ଦାବି

ଅନୁଗୋଳ ଅଫିସ, ୧୮।୧

ତାଳଚେରଠାରେ ନିର୍ମାଣାଧୀନ ମେଡିକାଲ କଲେଜକୁ ଘରୋଇ ଉଦ୍ୟୋଗ ଦ୍ୱାରା ପରିଚାଳନା ପାଇଁ ଏମ୍‌ସିଏଲ୍ ପକ୍ଷରୁ ଟେଣ୍ଡର ଆହ୍ୱାନକୁ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ମେଡିକାଲ କଲେଜକୁ ଏମ୍‌ସିଏଲ୍ ସିଧାସଳଖ ପରିଚାଳନା ସହିତ ଜିଲାବାସୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଶନିବାର ଶିକ୍ଷକପଡା ସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ଠାରେ ବୈଠକରେ ଦାବି କରାଯାଇଛି। ଜିଲାବାସୀଙ୍କ ନ୍ୟାଯ୍ୟ ଦାବିକୁ ଅଣଦେଖା କରାଗଲେ ଆନ୍ଦୋଳନ କରାଯିବ ବୋଲି କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଆଇନଜୀବୀ ରବିନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ରମେଶ ସାହୁ, ତୀର୍ଥବାସୀ ଭୋଇ, ପଠାଣି ବରିହା, ମାନସ ପାଲ, ତ୍ରିଲୋଚନ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏଥିସହ ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ସେସୁ ପକ୍ଷରୁ ବିଦ୍ୟୁତ୍ ବିଲ୍ ଆଦାୟ ନାଁରେ ଜୁଲମ ସହ ବଳପୂର୍ବକ ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବାକୁ ନେଇ କମିଟି ପକ୍ଷରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଛି।

## ଗ୍ରାହକଙ୍କ ଲାଗି ତନିସ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ



ଟାଟା ତନିଷ୍କ ପକ୍ଷରୁ ନୂତନ ଗହଣା ପ୍ରଦର୍ଶନ କରାଯାଉଛି।

ଅନୁଗୋଳ ଅଫିସ,୧୮।୧

ପ୍ରମୁଖ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ଅନୁଗୋଳ ଶୋ'ରୁମରେ ଏହାର ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ହାତକୁ ନିଆଯାଇଥିବା ହୀରା ଉତ୍ସବ 'ଦି ଗ୍ରେଟ୍ ଡାଇମଣ୍ଡ ସେଲ୍'ରେ ଗ୍ରାହକ ସବୁବର୍ଗର ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତିପାଇପାରୁଛନ୍ତି। କମ୍ପାନୀ ଏହିଉତ୍ସବକୁ ଅନୁଗୋଳ ଶୋ'ରୁମରେ ଗ୍ରାହକଙ୍କ ସହ ପାଳନ କରିଛି। ଏହି ଅବସରରେ ବିଭିନ୍ନ ଗ୍ରାହକ କେନ୍ଦ୍ରିକ କାର୍ଯ୍ୟକ୍ରମ ଯଥା- ଫ୍ୟାଶନ ଶୋ, ସଙ୍ଗୀତ, କୌତୁକ କ୍ରୀଡ଼ା ଆୟୋଜନ ହୋଇଥିଲା। ତନିସ୍କର ନୂଆ କଲେକ୍ସନ 'ଅହଲ୍ୟା' ଓ 'ରିଭା'ର ବଜାର ପ୍ରବେଶ ପରେ ଚାହିଦା ବଢ଼ିଛି। ଏହା ଆକର୍ଷଣୀୟ ତାରକସି ଡିଜାଇନରେ ପ୍ରସ୍ତୁତ କରାଯାଉଥିବା ତନିସ୍କର ଫ୍ରାଞ୍ଚାଇଜି ଓନର ମାନିକ ହଂସ କହିଛନ୍ତି। ତନିସ୍କ ଓଡ଼ିଶାର ଆଞ୍ଚଳିକ ବ୍ୟବସାୟିକ ପ୍ରବନ୍ଧକ ସିଦ୍ଧାର୍ଥ ଅଗ୍ରୱାଲ କହିଥିଲେ, ଗ୍ରାହକଙ୍କ ସହ ଆମର ସମ୍ପର୍କ ହୃଦୟରୁ ରହିଛି। ସଦ୍ୟତମ ରିଭାହ କଲେକ୍ସନ ଓଡ଼ିଆ ଘରର ବଧୂଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ତନିସ୍କ ପ୍ରମିସ ଦ୍ୱାରା ଶୁଦ୍ଧତା ଗ୍ୟାରେଣ୍ଟି ୮% ଗଢା ଚାର୍ଜରୁ ଡିଜାଇନ ଆରମ୍ଭ, ସୁନାଦାମରେ ଷ୍ଟୋନ ପାଇଁ ଟଙ୍କା ଗଣିବାରୁ ରିହାତି, ପୁରୁଣା ସୁନାର ସର୍ବୋତ୍ତମ ମୂଲ୍ୟ, ହୀରା, ପୋଲକି, ରୁବି, ପନା ପାଇଁ ଶତପ୍ରତିଶତ ଏକ୍ସଚେଞ୍ଜ ଭାଲ୍ୟୁ, ପ୍ରତିଟି ଗହଣା ସମ୍ପୂର୍ଣ୍ଣ ନୂଆ ଭଳି ସୁବିଧା ଗ୍ରାହକଙ୍କୁ ପ୍ରଦାନ କରୁଛି। ଏହାସହ ବିଲିଂ କ୍ୟାରେଟ ମିଟର, ସୁରକ୍ଷିତ ଗହଣା ସ୍କିମ, ଟାଟାର ବିଶ୍ୱାସ, ତନିସ୍କ ନେଷ୍ଟ ଡୋର ଷ୍ଟୋର ଭଳି ବୈଶିଷ୍ଟ୍ୟ ଗ୍ରାହକ ଲାଭ କରିପାରିବେ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି।







# କଣିହାଁ ବ୍ଲକରୁ ୨୮ ଉତ୍ତୀର୍ଣ୍ଣ

କଣିହାଁ,୧୮।୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ମେଧାବୃତ୍ତି ପରୀକ୍ଷା ଗତ ଅକ୍ଟୋବରରେ କରାଯାଇଥିଲା। ଶୁକ୍ରବାର ଏହାର ଫଳାଫଳ ପ୍ରକାଶ ପାଇଛି। କଣିହାଁ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ, ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲର ୨୮ ଜଣ ଛାତ୍ରୀଛାତ୍ର ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୫ମ ଶ୍ରେଣୀରେ ପଢୁଥିବା ୨୮୭ ଜଣ ଛାତ୍ରୀଛାତ୍ର ଓ ୩ୟ ଶ୍ରେଣୀର ପଢୁଥିବା ୨୯୧ ଛାତ୍ରୀଛାତ୍ର ମେଧାବୃତ୍ତି ପାଇଁ ପରୀକ୍ଷାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୮ ଜଣ ଛାତ୍ରୀଛାତ୍ର ବୃତ୍ତି ପାଇବାକୁ

**ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ**

ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପଥରମୁଣ୍ଡା ସରସ୍ୱତୀ ବିଦ୍ୟାମନ୍ଦିର ୬ଷ୍ଠ ଶ୍ରେଣୀ ଛାତ୍ର ସୌମ୍ୟଜିତ ସାହୁ ପ୍ରଥମ ଓ ବଢ଼ହୀରା ସରକାରୀ ୟୁପିଏସ ଛାତ୍ର ପୀୟୂଷ ସାହୁ ୨ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୪ର୍ଥ ଶ୍ରେଣୀରେ ପାଠପଢୁଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ର କୃତିତ୍ୱକୁ ନେଇ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି। ବଢ଼ିହୀରା ବିଦ୍ୟାଳୟର ସଫଳତା ନେଇ ପ୍ରଧାନଶିକ୍ଷକ ଲିଙ୍ଗରାଜ ମହାନ୍ତି, ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟର କର୍ମକର୍ତ୍ତା କୃତଜ୍ଞତା ପ୍ରକାଶ କରିଛନ୍ତି।



ପୀୟୂଷ ସାହୁ

# ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୧୮।୧

ଅନୁଗୋଳସ୍ଥିତ ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ

**ଆଦର୍ଶ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ**

ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ଡ. ଧରଣୀଧର ନାଥ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶାନ୍ତନୁ କୁମାର ସର, ପ୍ରଫେସର ସୀମା ଗୁପ୍ତା ଭୋଳ, ପ୍ରାକ୍ତନ ପ୍ରିନ୍ସିପାଲ ସେବକ ଚରଣ ଦାସ, ଅନୁଷ୍ଠାନର ନିର୍ଦ୍ଦେଶିକା ବନଜ୍ୟୋତ୍ସ୍ନା ସିଂ, ପ୍ରିନ୍ସିପାଲ ସନ୍ତୋଷ କୁମାର ଗୌଡ଼ ଓ ଉପାଧ୍ୟକ୍ଷ ବିଜୟ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ଅତିଥି ଆଜିର ଶିକ୍ଷା ପଦ୍ଧତି, ଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ନେଇ ମତ ରଖିଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ସନ୍ତୋଷ କୁମାର ଗୌଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗୀତ ଶିକ୍ଷକ ବିପିନ ବିହାରୀ ଦାସ, ସ୍ୱାତୀ ଦାସ ଓ ନୃତ୍ୟ ଶିକ୍ଷକ ଅନିତା ରାଜଗୁରୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିସ୍ନିଗ୍ଧା ସାହୁ, ରାଣୁବାଳା ତ୍ରିପାଠୀ, ସୁଦେଷ୍ଣା ମିଶ୍ର, ଛାତ୍ରୀ ଶ୍ୱେତକ୍ରିଷ୍ଟା, ଆୟୁଷି ଅଭୀପ୍ସା ଓ ଛାତ୍ର ଅନୁଜ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଅଜୟ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଦର୍ଶ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଧଳ, ପ୍ରଶାସନିକ ଅଧିକାରୀ ଡ. ଅବନୀକାନ୍ତ ଷଡ଼ଙ୍ଗୀ, ଲୋକସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ପରିଚାଳନାରେ ଅଂଶଗ୍ରହଣ କରିଥିଲେ।







# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବଇଣ୍ଡା,୧୮।୧(ଡି.ଏନ.ଏ.)

କିଶୋରନଗର ଡିଗ୍ରୀ କଲେଜରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଲେଜର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ବୀଣାପାଣି ସାହୁ, ନଳିନୀ ପ୍ରଧାନ, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବାମୁର ହାଇସ୍କୁଲର ଖେଳ ଶିକ୍ଷକ ନେଷ୍ଟୁ ପ୍ରଧାନ, ରଣିଆକଟା ହାଇସ୍କୁଲର ବସନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ବାଳକ ବିଭାଗର ଜୀବନଲାଲ ପ୍ରଧାନ, ବାଳିକା ବିଭାଗର ମନ୍ଦାକିନୀ ନାୟକ ଚାମ୍ପିୟନ ହୋଇଥିବାବେଳେ ଶ୍ରେଷ୍ଠ ଛାତ୍ରୀ ଭାବେ ଇପ୍‌ସୀତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ